# କେନ୍ଦ୍ର ସରକାରଙ୍କର ନିଷ୍ପତ୍ତି ନେଇ ରାଜ୍ୟ ସରକାର କଅଣ ତଦନ୍ତ କରିପାରେ ?

**ତା.୧୨.୦୨.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ସଙ୍ଘୀୟ ଢ଼ାଞ୍ଚା ହେଉଛି ଭାରତୀୟ ସମ୍ବିଧାନର ଏକ ଅଙ୍ଗ । ଯାହାର ସଂଶୋଧନ ମଧ୍ୟ ଅସମ୍ଭବ । କେନ୍ଦ୍ର ତଥା ରାଜ୍ୟ ପାଇଁ ନୀତି ନିୟମର ପରିସର ସ୍ୱତନ୍ତ୍ର ଭାବରେ ଧାର୍ଯ୍ୟ କରାଯାଇଅଛି । ମାତ୍ର କେନ୍ଦ୍ର ସରକାରଙ୍କ ତରଫରୁ ସବୁବେଳେ ଉକ୍ତ ସଙ୍ଘୀୟ ଢ଼ାଞ୍ଚା ଉପରେ କୁଠାରଘାତ ହୋଇଚାଲିଛି । ରାଜ୍ୟର ଯେ କୌଣସି ସମସ୍ୟା ନେଇ କେନ୍ଦ୍ର ତାହାର ସଂସ୍ଥା ମାଧ୍ୟମରେ ଉପଯୁକ୍ତ ସମୟରେ ତଦନ୍ତ ନକରି ବରଂ ଚରମ ପରିସ୍ଥିତି ଉପୁଜିବା ପରେ ଯେଉଁ ପଦକ୍ଷେପ ଗ୍ରହଣ କରୁଛି ତାହା ସମ୍ବିଧାନର ଧାରା ୩୫୬କୁ ଉଲଙ୍ଘନ କରୁଅଛି । ସି.ବି.ଆଇ ଯଦି ରାଜ୍ୟ ସରକାରି ଚାକିରିଆଙ୍କ ନେଇ କୌଣସି ତଦନ୍ତ କରିବ ତେବେ ତାକୁ ପ୍ରଥମେ ଉଚ୍ଚତମ ନ୍ୟାୟାଳୟ ବା ଉଚ୍ଚ ନ୍ୟାୟାଳୟର ଅନୁମତି ଆଣିବାକ ପଡ଼ିବ ।

ଗତକାଲି ଦିଲ୍ଲୀର ପ୍ରାକୃତିକ ଗ୍ୟାସର ଦର ବୃଦ୍ଧି ନେଇ କ୍ଷତିଗ୍ରସ୍ତ ଜନତା ଉକ୍ତ ପ୍ରସଙ୍ଗକୁ ସଦନରେ ଉଠାଇ କେନ୍ଦ୍ର ସରକାରଙ୍କ ତରଫରୁ କୋର୍ଟ ମାଧ୍ୟମରେ ତଦନ୍ତ ଆଶା କରିଥିଲେ । ତେବେ କୌଣସି ରାଜ୍ୟ କଅଣ ତାହାର ଭ୍ରଷ୍ଟାଚାରୀ ବିରୋଧୀ ସଂସ୍ଥା ମାଧ୍ୟମରେ କେନ୍ଦ୍ରର ନିଷ୍ପତ୍ତି ଉପରେ ବି ତଦନ୍ତ କରିପାରେ ? ଦିଲ୍ଲୀ ଏକ କେନ୍ଦ୍ର ଶାସିତ ଅଞ୍ଚଳ ଓ ରାଜ୍ୟ ମଧ୍ୟ । ଏହାର ନ୍ୟାୟିକ ତଥା ପ୍ରଶାସନିକ ନୀତି ନିୟମ ଗୁଡ଼ିକ ଧାରା ୨୩୯ ମଧ୍ୟରେ ରହିଅଛି । ମାତ୍ର ଏହାର ୧୭ ତମ ଧାରା ପ୍ରଥମ, ଦ୍ୱିତୀୟ ଓ ଅଠର ତମ ନିୟମ ଉକ୍ତ ରାଜ୍ୟପାଇଁ ଆଦୌ ପ୍ରଯୁଜ୍ୟ ନୁହେଁ । କାରଣ ପ୍ରଥମ ନିୟମରେ ଜନାଦେଶ, ଦ୍ୱିତୀୟରେ ପୋଲିସ ଓ ତୃତୀୟରେ ଜମି ନେଇ ଉଲ୍ଲେଖ ହୋଇଅଛି । ଦିଲ୍ଲୀର ଭ୍ରଷ୍ଟାଚାରୀ ବିରୋଧୀ ସଂସ୍ଥା ହେଉଛି ଦିଲ୍ଲୀର ଭିଜିଲାନ୍ସ ଡ଼ାଇରେକ୍ଟୋରେଟର କ୍ଷମତାର ଅଂଶ ବିଶେଷ ଏବଂ ଦିଲ୍ଲୀର ଭୌଗୋଳିକ ପରିସର ମଧ୍ୟରେ ହିଁ ପୋଲିସର କ୍ଷମତା ବୃଦ୍ଧି ପାଇଥାଏ । ଏହା ସମ୍ବିଧାନର ଧାରା ୨୩୯ କୁ ଉଲଙ୍ଘନ କରୁଥିବା ବେଳେ କେନ୍ଦ୍ର ସରକାରଙ୍କ ଭିଜିଲାନ୍ସ ତଥା ରାଜ୍ୟ ସରକାରଙ୍କ ଭିଜିଲାନ୍ସ ସଂସ୍ଥା ଉଭୟ ସମାନ୍ତର କାର୍ଯ୍ୟ କରିବା ଭଳି ମନେହୁଅନ୍ତି । ଯାହା ଦ୍ୱାରା ପ୍ରଧାନ ମନ୍ତ୍ରୀ, କ୍ୟାବିନେଟ ସେକ୍ରେଟେରୀଙ୍କ ସମେତ ସମସ୍ତ ସରକାରୀ ଚାକିରିଆ ତଥା ପୋଲିସ ମଧ୍ୟ ସନ୍ଦେହ ଘେରକୁ ଅସିଯାଉଛନ୍ତି । ତେବେ କେନ୍ଦ୍ର ସରକାରକୁ ରାଜ୍ୟ ସରକାରଙ୍କ ପୋଲିସର ନୀତି

ନିୟମ ମଧ୍ୟକୁ ଆଣିବା ପୂରାପୂରି ଅଣସାମ୍ବିଧାନିକ । ଏଠି ଜଏଣ୍ଟ ସେକ୍ରେଟେରୀଙ୍କ ର୍ୟାଙ୍କର ଯେକୌଣସି ସରକାରୀ ଚାକିରିଆଙ୍କ ବିରୋଧରେ ତଦନ୍ତ କରିବା ପାଇଁ ପ୍ରଥମେ କେନ୍ଦ୍ର ସରକାରଙ୍କ ପରାମର୍ଶ ଲୋଡ଼ା । ଅଣସାମ୍ବିଧାନିକ କହି ସୁପ୍ରିମକୋର୍ଟ ମଧ୍ୟ ଏହାକୁ ରୋକିପାରେ । ଜଣେ ରାଜ୍ୟ ପୋଲିସର ସବଇନସ୍ପେକ୍ଟର କଅଣ ପ୍ରଧାନ ମନ୍ତ୍ରୀ ତଥା କ୍ୟାବିନେଟ ସେକ୍ରେଟେରୀଙ୍କୁ ତଦନ୍ତ ପାଇଁ ସମନ ଜାରି କରିପାରନ୍ତି ? ରାଜନୈତିକ ଉଦ୍ଦେଶ୍ୟ ପୂର୍ତ୍ତି ପାଇଁ ଉକ୍ତ କ୍ଷମତାର ଅପବ୍ୟବହାର ମଧ୍ୟ ହୋଇପାରେ । ଏଥିପାଇଁ ମଧ୍ୟ ପୂର୍ବରୁ କେନ୍ଦ୍ର ସରକାରଙ୍କ ଅନୁମତି ଲୋଡ଼ା । ଏ.ଏ.ପି ସରକାରଙ୍କୁ ଏହା ବୁଝିବାକୁ ହେବ ।